**ଏସ୍ଇବିସି ପ୍ରଶିକ୍ଷଣ ଶିବିର**

କୁଆଁରମୁଣ୍ଡା,(ଡି.ଏନ୍.ଏ.): ଓଡ଼ିଶା ପଛୁଆବର୍ଗର ସାମାଜିକ ଓ ଶିକ୍ଷାଗତସ୍ଥିତି ସର୍ଭେ ନିମନ୍ତେ ବୁଧବାର କୁଆଁରମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଜ୍ୟସ୍ତରୀୟ ନୋଡାଲ ଅଧିକାରୀ ନିତ୍ୟାନନ୍ଦ ବାରିକ ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହ ପଛୁଆବର୍ଗଙ୍କ ସାମାଜିକ ଓ ଶିକ୍ଷାଗତସ୍ଥିତିର କିଭଳି ସର୍ଭେ କରାଯିବ ସେ ସମ୍ପର୍କରେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ଏଥିରେ ସୁନ୍ଦରଗଡ଼ ଉପଜିଲାପାଳ ଦାଶରଥି ସାର୍ବୋ, ବଣେଇ ଉପଜିଲାପାଳ ସୁରଞ୍ଜନ ସାହୁ, ସୁନ୍ଦରଗଡ଼ ପିଏ.ଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଜିଲାସ୍ତରୀୟ ତାଲିମଦାତା ସୁବ୍ରତ ଚୌଧୁରୀ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାଗ୍ରସ୍ତ ବୋଲେରୋରୁ ଗଞ୍ଜେଇ ଜବତ, ଚାଳକ ଫେରାର୍

**ଦେବଗଡ଼,୭।୪(ଡି.ଏନ.ଏ.):** ବାରକୋଟ ଥାନା ଅନ୍ତର୍ଗତ ଏସଏଚ-୧୦ରେ ସିଂହଶାଳ ଗ୍ରାମ ନିକଟରେ ଶୁକ୍ରବାର ସକାଳେ ଏକ ବୋଲେରୋ ଗାଡି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ଗାଡି ଦୁର୍ଘଟଣା ପରେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଦୁର୍ଘଟଣାଗ୍ରସ୍ତ ବୋଲେରୋ ଗାଡି ରାଉରକେଲା ଅଭିମୁଖେ ଯାଉଥିବାବେଳେ ସିଂହଶାଳ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ବାରକୋଟ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚାଲାଣ ହେଉଥିବା ବେଆଇନ ଗଞ୍ଜେଇ ଓ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗାଡ଼ିରୁ ପ୍ରାୟ ୬୦ କେଜି ଗଞ୍ଜେଇ ଜବତ କରିଛି ପୋଲିସ। ତେବେ ଉକ୍ତ ଗଞ୍ଜେଇ କେଉଁ ସ୍ଥାନକୁ ଚୋରା ଚାଲାଣ ହେଉଥିଲା ସେ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ନଦୀରୁ ଯୁବକଙ୍କ ମୃତଦେହ ଜବତ

**ନାକଟିଦେଉଳ,୭।୪(ଡ଼ି.ଏନ.ଏ.):** ନାକଟିଦେଉଳ ଥାନା ନାକଟିଦେଉଳ ଗ୍ରାମ ନିକଟ ଚମ୍ପାଳି ନଦୀରୁ ଜଣେ ଯୁବକଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। ମୃତକ ହେଲେ ନାକଟିଦେଉଳ ଗ୍ରାମର ରସାନନ୍ଦ ସାହୁ(୫୪)। ରସାନନ୍ଦ ପ୍ରାୟ ୨ମାସ ହେଲା ନାକଟିଦେଉଳ ବସ୍‌ଷ୍ଟାଣ୍ଡଠାରେ ଏକ ଚା ଦୋକାନ କରି ଘରେ ଏକାକି ରହୁଥିଲେ। ତାଙ୍କ ସ୍ତ୍ରୀ ଓ ଛୋଟ ଝିଅ ଶ୍ୱଶୁରଘର ପାଲଲହଡ଼ା ଖମାରରେ ରହୁଛନ୍ତି। ରସାନନ୍ଦ ସକାଳୁ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ଗାଁ ଲୋକେ ଶୌଚ ହେବାକୁ ଯାଇଥିବା ବେଳେ ପାଣିରେ ଜଣେ ଯୁବକ ମରି ପଡ଼ିଥିବା ଦେଖିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପାଣି ଭିତରୁ ମୃତଦେହକୁ ଉଦ୍ଧାର କରିବା ପରେ ତାହା ଚିହ୍ନଟ ହୋଇଥିଲା। ନାକଟିଦେଉଳ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଇ ଘଟଣାର ତଦନ୍ତ ଚଳାଇଛି।

### ଟ୍ରେନ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୭।୪(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ରେଲଷ୍ଟେସନ ଠାରୁ ପାଞ୍ଚ କିଲୋମିଟର ଦୂରରେ ଟ୍ରେନ୍ ଧକ୍କାରେ ଶୁକ୍ରବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଦିନ ୧୧ଟାରେ ଜଣେ ବୃଦ୍ଧ ରେଳ ଧାରଣା ପାର ହେଉଥିବା ସମୟରେ ଝାରସୁଗୁଡାରୁ ରାଉରକେଲା ଆସୁଥିବା ମେମୋ ଟ୍ରେନ ଧକ୍କା ଦେଇଥିଲା। ଫଳରେ ବୃଦ୍ଧ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ପଠାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ବୃଦ୍ଧଙ୍କର କୌଣସି ପରିଚୟ ମିଳିପାରିନାହିଁ।

### ଆକ୍ରମଣ ଘଟଣାରେ ୨ ଗିରଫ

**ବେଲପାହାଡ,୭।୪(ଡି.ଏନ.ଏ.):** ବେଲପାହାଡ଼ ଥାନା ଗୁମାଡେରା ମଙ୍ଗଳା ମନ୍ଦିର ନିକଟରେ ହୋଲି ସମୟରେ ହୋଇଥିବା ଆକ୍ରମଣ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁନ୍ଦରଗଡ଼ ପାଟଙ୍ଗିଡିହି ଗ୍ରାମର ଦେବାଶିଷ ସାହୁ (୨୭) ଓ ବେଲପାହାଡ଼ ଜୁନାଡିହିର କୁନା କଉ (୨୬)। ଗୁମାଡେରା ମାଲିପ ବାସିନ୍ଦା ଯଦୁମଣି ମିଶ୍ରଙ୍କ ଅଭିଯୋଗ କ୍ରମେ ମାର୍ଚ୍ଚ ୮ତାରିଖ ହୋଲିଦିନ ତାଙ୍କ ପୁଅ ରୋହନ ଗୁମାଡେରା ମଙ୍ଗଳା ମନ୍ଦିର ନିକଟରେ ଛିଡାହୋଇଥିଲେ। ଏହି ସମୟରେ ରଙ୍ଗ ଲଗାଇବାକୁ ନେଇ ୫ ଜଣ ଯୁବକଙ୍କ ସହ ରୋହନଙ୍କ ବଚସା ହୋଇଥିଲା। ପରେ ଯୁବକମାନେ ଲାଠି ଓ ଇଟାରେ ରୋହନଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଭୀମସେନ ସେଠ ଓ ଭୀଷ୍ମଦେବ ଛତ୍ରିଆ ରୋହନଙ୍କୁ ରକ୍ଷା କରିବାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ରୋହନଙ୍କ ବାପା ଯଦୁମଣିଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୪୭/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଚଳନ୍ତା ଟ୍ରେନରୁ ଖସି ଯୁବକ ମୃତ

**ରାଉରକେଲା ଅଫିସ,୭।୪:** ବନ୍ଧମୁଣ୍ଡା କେ କେବିନ ନିକଟରେ ଚଳନ୍ତା ଟ୍ରେନରୁ ଖସି ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତଙ୍କ ବୟସ ପ୍ରାୟ ୩୫ ବର୍ଷ ହେବ। ଏ ନେଇ ବନ୍ଧମୁଣ୍ଡା ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩।୨୩) ରୁଜୁ କରିବା ସହ ମୃତଦେହକୁ ଉଦ୍ଧାର କରି ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖିଛି। ରିପୋର୍ଟ ଲେଖାଯିବା (ରାତି ୮ଟା) ଯାଏ ମୃତ ଯୁବକଙ୍କ ପରିଚୟ ମିଳିନାହିଁ।

# ଶିକ୍ଷା ନିର୍ଦ୍ଦେଶକଙ୍କୁ ବ୍ଲକ ଅଧକ୍ଷାଙ୍କ ନକଲି ସୁପାରିସ ଚିଠି

**ସମ୍ବଲପୁର,୭।୪(ବ୍ୟୁରୋ)**

ଜଣେ କାର୍ଯ୍ୟରତ ଶିକ୍ଷକଙ୍କୁ ବଦଳି କରି ଉପଯୁକ୍ତ ସ୍ଥାନରେ ଥଇଥାନ କରିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଭୁବନେଶ୍ୱରକୁ ଚିଠି ଗଲା। ହେଲେ ଭୁଲ ଠିକଣା ଓ ଅଧିକାରୀଙ୍କ ନାମ ଥିବାରୁ ତାହା ଫେରିଆସିଲା। ଚିଠି ଫେରିବା ପରେ ଏହା ଜାଲିଆତି କରି ଶିକ୍ଷାବିଭାଗକୁ ପଠାଯାଇଥିବା ଜଣାପଡିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ।

ବ୍ଲକ ଅଧକ୍ଷା ମମତା ନାଏକଙ୍କ ନାମ ଓ ହସ୍ତାକ୍ଷର ଥିବା ନକଲି ସୁପାରିଶ ଚିଠି ଏବେ ତାଙ୍କ ହୋସ ଉଡାଇଦେଇଛି। ୧୦ଦିନ ତଳେ ଫେରିଆସିଥିବା ଲଫାପା ଭିତରେ ଦୁଇଟି ଚିଠି ରହିଛି। ଚିଠି ଫେରିବା ପରେ ବ୍ଲକ ଅଧକ୍ଷା ଭୟଭୀତ ହୋଇଯାଇଛନ୍ତି। ଘଟଣାକୁ ନେଇ ସେ ପ୍ରଥମେ ଜିଲାପାଳ ଅନନ୍ୟା ଦାସଙ୍କୁ ଭେଟି ଆଲୋଚନା କରିବା ସହ ପରେ ଯୁଯୁମୁରା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଜଣେ ଶିକ୍ଷକଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚୁରା କରି ପୁଣି ଛାଡିଦେଇଛି। ଘଟଣାରେ ଅଧିକ ତଥ୍ୟ ପ୍ରମାଣ ସଂଗ୍ରହ କରୁଛି।

ବ୍ଲକ ଅଧକ୍ଷାଙ୍କ ସ୍ୱାକ୍ଷର ଥିବା ଗୋଟିଏ ସୁପାରିଶ ଚିଠିରେ ଉଲ୍ଲେଖ କରାଯାଇଛି, ବ୍ଲକ ଶିକ୍ଷାଧିକାରୀ ଉଜାଗର ପ୍ରଧାନ, କିରାଣୀ ପବିତ୍ର ଝାଙ୍କର ମିଶି ବ୍ଲକର ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ହଇରାଣ କରୁଛନ୍ତି। ବଦଳି ଓ ଡେପୁଟେଶନରେ ଦୂରଦୂରାନ୍ତକୁ ପଠାଇ ଦେଉଛନ୍ତି। ବ୍ଲକର ୫୦ରୁ ଅଧିକ ଶିକ୍ଷକ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍‌ଲାଇନରେ ବଦଳି ପାଇଁ ଆବେଦନ କରିଥିଲେ ମଧ କିଛି ଶୁଣୁ ନାହାନ୍ତି। ଫଳରେ ଅନେକ ଶିକ୍ଷକ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ତେଣୁ ପାଠପଢା ବାଧାପ୍ରାପ୍ତ ହେଉଛି। ଏବେ ପିଲାମାନଙ୍କ ପରୀକ୍ଷା ସମୟ, ତେଣୁ ସେମାନଙ୍କୁ ସମସ୍ୟା ହେବ। ଏ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରି ଶିକ୍ଷକମାନଙ୍କ ସମସ୍ୟା ସମାଧାନ କରାଯାଉ। ହେଲେ ଏହା ନକଲି ଚିଠି ବୋଲି ଥାନାରେ ଅଧକ୍ଷା ନାଏକ ଅଭିଯୋଗ କରିଛନ୍ତି। ସେହିପରି ଲଫାପା ଭିତରେ ଥିବା ଅନ୍ୟ ଏକ ଚିଠିରେ ଉଲ୍ଲେଖ ରହିଛି, ଯୁଯୁମୁରା ବ୍ଲକ ଗମ୍ଭାରୀପଙ୍କ ୟୁଜିଏମ୍ଇ ସ୍କୁଲର ଶିକ୍ଷକ ସମୀର ନାୟକ ନାମଥିବା ଶିକ୍ଷକ ପଞ୍ଚାୟତ ସମିତି ଅଧକ୍ଷା ନାଏକଙ୍କୁ ନିକଟସ୍ଥ ସ୍କୁଲକୁ ବଦଳି କରାଯାଉ ବୋଲି ଅନୁରୋଧ କରିଥିଲେ। ଏହା ସହ ବିଇଓ ପ୍ରଧାନଙ୍କ ବିରୋଧରେ ଅଭିଯୋଗ କରିଥିଲେ। ବିଇଓ ପ୍ରଧାନ ହଇରାଣ କରିବାକୁ ୭୦କି.ମି. ଦୂର କେଶପାଲି ସ୍କୁଲକୁ ବଦଳି କରି ଦେଉଛନ୍ତି। ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିବାରୁ ସେ ଯୋଗଦାନ କରି ପାରୁନାହାନ୍ତି। ଫଳରେ ୮ମାସ ହେଲା ଦରମା ବନ୍ଦ ହୋଇଯାଇଛି। ଏପଟେ ମେଡିକାଲ ଓ ପରିବାର ଖର୍ଚ୍ଚ ବହନ କରିବାରେ କଷ୍ଟ ହେଉଛି। ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ଜିଲା ଶିକ୍ଷା ଅଧିକାରୀଙ୍କ ପାଖରେ ଅଭିଯୋଗ କରିବା ପରେ ସେମାନେ ପାଖ ସ୍କୁଲକୁ ବଦଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବିଇଓ ପ୍ରଧାନ ପଦକ୍ଷେପ ଗ୍ରହଣ କଲେ ନାହିଁ। ତେଣୁ ବ୍ଲକ ଅଧକ୍ଷା ପାଖ ସ୍କୁଲରେ ଥଇଥାନ କରିବାକୁ ଅନୁରୋଧ କରାଯାଇଛି। ଏ ସମ୍ପର୍କରେ ଯୁଯୁମୁରା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି, ଅଭିଯୋଗ ଉପରେ ତଦନ୍ତ ଜାରି ରହିଛି। ଶିକ୍ଷକଙ୍କୁ ସନ୍ଦେହ କରାଯାଇଥିଲା। ତଥ୍ୟ ପ୍ରମାଣ ସଂଗ୍ରହ କରାଯାଉଛି ବୋଲି ସେ କହିଥିଲେ।

**ଫେରିବା ପରେ ଜାଣି ଥାନାରେ ଅଭିଯୋଗ କଲେ**



ଯୁଯୁମୁରା ବ୍ଲକ ଅଧକ୍ଷାଙ୍କ ନାମ ଥିବା ନକଲି ସୁପାରିଶ ଚିଠି।

## କଣ୍ଟ୍ରାକ୍ଟ ସେଲ୍ ୱାର୍କ ବିଭାଗକୁ କୁଇଜ୍ ଟ୍ରଫି

**ରାଉରକେଲା ଅଫିସ,୭।୪**

ଆର୍‌ଏସ୍‌ପି କଣ୍ଟ୍ରାକ୍ଟ ସେଲ୍ ୱାର୍କ ବିଭାଗର ଦୁଇଜଣିଆ ସଦସ୍ୟ ଦଳକୁ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ମିଳିଛି ଡିଆଇସି କୁଇଜ୍ ସମ୍ରାଟ ଟ୍ରଫି। ବିଭାଗର ସୁଶ୍ରୀ ରକ୍ମିଣୀ କେର୍କେଟା ଓ ସୁଶ୍ରୀ ସୋନାଲି ନନ୍ଦଙ୍କୁ ନେଇ ଗଠିତ ଦଳକୁ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଡିଆଇସି କୁଇଜ୍ ସମ୍ରାଟ ପଗଡି ପିନ୍ଧାଇ ପ୍ରଶଂସା ପ୍ରମାଣପତ୍ର ସହ ୧୦ହଜାର ଟଙ୍କା ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ଫିଲ୍ଡ ମେସିନାରୀ ଏବଂ ରକ୍ଷଣାବେକ୍ଷଣ ଦଳକୁ ପ୍ରଥମ ରନର୍ସ ଅପ୍ ପୁରସ୍କାର ଓ କାର୍ମିକ ବିଭାଗକୁ ଦ୍ୱିତୀୟ ରନର୍ସ ଅପ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଇନଷ୍ଟ୍ରୁମେଣ୍ଟେଶନ, ବ୍ଲାଷ୍ଟ ଫର୍ଣ୍ଣେସ-୫ ଓ କଲସାଇନଂ ପ୍ଲାଣ୍ଟ-୨ ବିଭାଗକୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।


ସୁଶ୍ରୀ ରକ୍ମଣୀ କେର୍କେଟା ଓ ସୁଶ୍ରୀ ସୋନାଲୀ ନନ୍ଦଙ୍କୁ ଡିଆଇସି ପୁରସ୍କୃତ କରୁଛନ୍ତି।

ଏଫ୍‌ଏମ୍(ଏମ୍) ବିଭାଗର ବିରେନ୍ଦ୍ର କୁମାର ମାଝୀ ଓ ଅନନ୍ତ କୁମାର ନାୟକଙ୍କୁ ନେଇ ଗଠିତ ପ୍ରଥମ ରନର୍ସ ଅପ୍ ଦଳ ଟ୍ରଫି, ସାର୍ଟିଫିକେଟ ଓ ପୁରସ୍କାର ଲାଭ କରିଥିଲେ। ସେହିପରି କାର୍ମିକ ବିଭାଗର ଜ୍ୟୋତିର୍ମୟ ମହାନ୍ତି ଓ ସଂଘମିତ୍ରା ନାୟକଙ୍କୁ ନେଇ ଗଠିତ ଦ୍ୱିତୀୟ ରନର୍ସ ଅପ୍ ଦଳ ଟ୍ରଫି, ସାର୍ଟିଫିକେଟ ଏବଂ ପୁରସ୍କାର ଲାଭ କରିଥିଲେ। ପ୍ରଥମଥର ପାଇଁ ଏଚ୍‌ଆରଡି କେନ୍ଦ୍ର ଦ୍ୱାରା ଅନ୍‌ଲାଇନରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୪ଟି ବିଭାଗର ୫୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏଚ୍‌ଆର୍‌ଡି ବିଭାଗର ଏଜିଏମ୍ କେ. କେ. ଯଶୱାଲ କୁଇଜ୍ ମାଷ୍ଟର ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତା ଦୁଇଟି ସ୍ତରରେ ହୋଇଥିଲା। ପ୍ରତ୍ୟେକ ବିଭାଗର ବିଜେତାମାନେ ମାର୍ଚ୍ଚ ୨୯ତାରିଖରେ ଅନୁଷ୍ଠିତ ଅନ୍ତିମ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ।

## ଟ୍ରକ ସମ୍ମୁଖକୁ ଡେଇଁଲେ ଯୁବକ, ଗୁରୁତର ଆହତ

**ବଡ଼ଗାଁ, ୭।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ନିକଟ ଗଏଲୋଗଡ କଲୋନିରେ ଭଡ଼ାଘରେ ରହି ନିର୍ମାଣ ମିସ୍ତ୍ରୀ କାମ କରୁଥିବା ପଶ୍ଚିମବଙ୍ଗ ଅଞ୍ଚଳର ଜଣେ ଯୁବକ ଶୁକ୍ରବାର ଅପରାହ୍ନରେ ପ୍ରାୟେ ଏକ ଘଣ୍ଟା ପର୍ଯ୍ୟନ୍ତ ରାଜପଥରେ ଯାଉଥିବା ଟ୍ରକ, ବସଗୁଡିକ ସମ୍ମୁଖକୁ ଡେଇଁବା ପାଇଁ ଚେଷ୍ଟା କରୁଥିଲେ। ସ୍ଥାନୀୟ ଲୋକେ ବୁଝାସୁଝା କଲେ ମଧ ମାନୁ ନ ଥିଲେ। ହଠାତ କାହା କଥା ନ ଶୁଣି ଏକ ଟ୍ରକ ସମ୍ମୁଖକୁ ଡେଇଁ ପଡ଼ିଥିଲେ। ଆହତ ଯୁବକ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲାର ସୁନାରପରା ଗ୍ରାମର ନବିର ସେକ(୨୪)। ସେ ଏକ ଭଡ଼ାଘରେ ବଡ଼ଭାଇ ସବିରଙ୍କ ସହିତ ରହି ଅଞ୍ଚଳରେ କାମ କରିଆସୁଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ସିପୁନ


@ ବିନୋଦ


@ ସୁଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଦ୍ରିପ୍ରସାଦ ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ


ବଦ୍ରିପ୍ରସାଦ ନର୍ସିଂ କଲେଜ ପକ୍ଷରୁ ସଚେତନତା ରାଲି।

**ସମ୍ବଲପୁର,୭।୪(ବ୍ୟୁରୋ)**

ବଦ୍ରିପ୍ରସାଦ ନର୍ସିଂ କଲେଜ ପକ୍ଷରୁ ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ନର୍ସିଂ କଲେଜର ଛାତ୍ରୀଛାତ୍ରମାନେ ବରଗଡସ୍ଥିତ ନିଶାମାନି ହାଇସ୍କୁଲରୁ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ସଚେତନତା ରାଲିରେ ସହର ପରିକ୍ରମା କରିଥିଲେ। ସେମାନେ ସ୍ଲୋଗାନ ଦେବା ସହ ବ୍ୟାନର ଓ ପ୍ଲାକାର୍ଡ ଧରି ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। ଏହି ରାଲିରେ ତିନୋଟି ନର୍ସିଂ କଲେଜର ପ୍ରାୟ ୨୦୦ ଛାତ୍ରୀଛାତ୍ର ସାମିଲ ରହିଥିଲେ। ସିଡିଏମ୍ ଆଣ୍ଡ ପିଏଚ୍‌ଓ, ଏସ୍‌ପି ଅଫିସ, ଟାଉନ ପୋଲିସ ଷ୍ଟେଶନ ସଭ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସକାଳ ୭ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୯ଟାରେ ସମାପ୍ତ ହୋଇଥିଲା। ଜନସଂଖ୍ୟା ଉପରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ରହିଥିଲା। ସୋନମ ତ୍ରିପାଠୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବଦ୍ରିପ୍ରସାଦ ସମୂହ ଶିକ୍ଷାନୁଷ୍ଠାନ ସଚିବ ସଞ୍ଜୀବ ଅଗ୍ରୱାଲ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଶୋଭାଯାତ୍ରା

**ସୁନ୍ଦରଗଡ଼, ୭।୪(ଡି.ଏନ୍.ଏ.)**

ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କ ଆରୋଗ୍ୟ କାମନା ସହିତ ସ୍ୱାସ୍ଥ୍ୟ ସମ୍ପର୍କିତ ଜନସଚେତନତା ସୃଷ୍ଟି କରିବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପାଳନ କରାଯାଉଥିବା ଏହି ଦିବସ ପାଇଁ ପ୍ରତ୍ୟେକ ବର୍ଷ ଏକ ସ୍ୱତନ୍ତ୍ର ଥିମ ରଖାଯାଏ। ଚଳିତବର୍ଷ ଏହି କ୍ରମରେ ଥିମ ହୋଇଛି 'ହେଲଥ୍ ଫର ଅଲ'। ଏହି କ୍ରମରେ ସୁନ୍ଦରଗଡ଼ ନର୍ସିଂ କଲେଜ, ସୁନ୍ଦରଗଡ଼ ଜିଏନ୍‌ଏମ୍ ଟ୍ରେନିଂ, ସୁନ୍ଦରଗଡ଼ କଲେଜ ଅଫ୍ ମେଡିକାଲ ସାଇନ୍ସର ଛାତ୍ରୀଛାତ୍ରମାନେ ଡିଆରଡିଏ ଛକଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ସୁନ୍ଦରଗଡ଼ ନର୍ସିଂ କଲେଜର ନିର୍ଦ୍ଦେଶକ ରୁପେଶ ପଟେଲଙ୍କ ନେତୃତ୍ୱରେ ବାହାରି ଡେଲିମାର୍କେଟ, ହାଇସ୍କୁଲ ଛକ, ମେଡିକାଲ ଛକ ଦେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ ମିଶ୍ର ଓ ବରିଷ୍ଠ ଚିକିତ୍ସକ ଡାକ୍ତର ଦିଲ୍ଲୀପ ଷଡ଼ଙ୍ଗୀ ଯୋଗଦେଇଥିଲେ।



ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଶୋଭାଯାତ୍ରା।

## ଖୁଣ୍ଟଗାଁରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

**ଲହୁଣୀପଡା, ୭।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଖୁଣ୍ଟଗାଁସ୍ଥିତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଡା. କାଶୀନାଥ ପ୍ରସାଦ ମିଶ୍ର, ଡା.ମାହେଶ୍ୱରୀ ଦାସ, ଫାର୍ମାସିଷ୍ଟ ଦୋଳା ପ୍ରତିମା ପ୍ରଧାନ ଯୋଗଦେଇଥିଲେ। ଉପସ୍ଥିତ ସ୍ୱାସ୍ଥ୍ୟ କର୍ମୀ ଆଶା କର୍ମୀ, ଗର୍ଭବତୀ ପ୍ରସୂତି, ସାଧାରଣ ରୋଗୀ, ଜନସାଧାରଣଙ୍କୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ୨୦୨୩ ବର୍ଷର ସ୍ୱାସ୍ଥ୍ୟ ବାର୍ତ୍ତା ଉତ୍ତମ ସ୍ୱାସ୍ଥ୍ୟ ସଭିଙ୍କ ପାଇଁ ସୂଚନା ଦିଆଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କାର୍ଯ୍ୟକ୍ରମରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି।

## ବରସୁଆଁ ଲୌହଖଣି ପକ୍ଷରୁ ନୃତ୍ୟ, ଗୀତ ପ୍ରତିଯୋଗିତା

**ଟେନ୍‌ସା, ୭।୪(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଟେନ୍‌ସାରେ ଥିବା ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ବରସୁଆଁ ଲୌହଖଣି (ସେଲ)ଫେରିଫେରିୟାଲ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଟେନ୍‌ସା ଇସ୍ପାତ ଷ୍ଟାଡିୟମରେ ଅନୁଷ୍ଠିତ ମଞ୍ଚରେ ଛାତ୍ରୀଛାତ୍ର ନିଜର କଳା ପ୍ରଦର୍ଶନ କରିଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ନିମନ୍ତେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସିଜିଏମ (ଖଣି)ପି.କେ ରଥ, ସିଜିଏମ ମାଲା ଶ୍ରୀନିବାସୁ, ଟେନସା ସରପଞ୍ଚ ଅନିତା ପୂର୍ତ୍ତି, ସିଏସ୍‌ଆର ମୁଖ୍ୟ ଅମୀୟ ରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ବଣାଇ ଉପଖଣ୍ଡରେ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ବରସୁଆଁ ଲୌହ ଖଣି ଯେଉଁ ପ୍ରୟାସ ଆରମ୍ଭ କରିଛି ତାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ, ୨ୟ, ୩ୟ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଖଣି ଗଣ୍ଡଗୋଳକୁ ନେଇ ଖଡକୁରବାହାଲ ଅଶାନ୍ତ

**କୁତ୍ରା, ୭।୪(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖଡକୁରବାହାଲସ୍ଥିତ ଜେଏସ୍‌ଡବ୍ଲ୍ୟୁ ଚୂନ ପଥର ଖଣିକୁ ନେଇ ଦୁଇଦିନ ହେଲାଣି ଖଡକୁରବାହାଲ ଅଶାନ୍ତ ହୋଇପଡିଛି। ଗୁରୁବାର ଖଣି ପରିସରରେ ମାଲ ଲୋଡିଙ୍ଗକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା। କିଛି ସମୟ ଗଣ୍ଡଗୋଳ ହେବା ପରେ ସ୍ଥିତି ଶାନ୍ତ ପଡିଥିଲା। କିନ୍ତୁ ଏହି ଘଟଣାକୁ ନେଇ ସନ୍ଧ୍ୟାରେ ଗୋଟିଏ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କ ଘର ଉପରକୁ ପଥରମାଡ଼ ହୋଇଥିଲା। ଫଳରେ କେତେଜଣ ଲୋକ ଆହତ ହୋଇଥିଲେ। ପରେ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, କୁତ୍ରା ପୋଲିସ ଓ ୧ ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ରାତି ସାରା ପୋଲିସ ଜଗି ରହିଥିବା ସତ୍ତ୍ୱେ ଶୁକ୍ରବାର ସକାଳୁ ପୁଣି ପଥର ମାଡ଼ ହୋଇଥିଲା। ଫଳରେ ପୁଣି ଉତ୍ତେଜନା ସୃଷ୍ଟି ହୋଇଥିଲା। ପରେ ଥାନା ଅଧିକାରୀ ମନୋରଞ୍ଜନ ବିଶିଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହାକୁ ନେଇ ଥାନାରେ ଦୁଇଟି ଅଭିଯୋଗ ହୋଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ। ସେଠାରେ ଉତ୍ତେଜନାମୂଳକ ସ୍ଥିତି ଲାଗି ରହିଥିବାରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ତେବେ ଖଣିକୁ ନେଇ ବାରମ୍ବାର ଗଣ୍ଡଗୋଳ, ଏଭଳି ଘଟଣା ଦେଖିବାକୁ ମିଳୁଛି। ଯାହା ଫଳରେ ଅଞ୍ଚଳରେ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଖଣି ଆରମ୍ଭ ହେବା ଦିନ ଠାରୁ ଏଭଳି ଗଣ୍ଡଗୋଳ ହେଉଥିବାର ଦେଖିବାକୁ ମିଳୁଛି। ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ଜେଏସ୍‌ଡବ୍ଲ୍ୟୁ ଖଣିର ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ଏହାର ସମାଧନ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ସ୍ଥିତି ଆହୁରି ଭୟଙ୍କର ହେବା ନେଇ ଆଶଙ୍କା କରାଯାଉଛି।


ଖଡକୁରବାହାଲରେ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

**୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ**

**ଆଦର୍ଶ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ କେଶରାଜପୁର ଆଦର୍ଶ ବିଦ୍ୟାଳୟରେ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅନିମା ବାରିକଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ସନନୋକ୍ଷ ଦାସ, ପ୍ରକାଶ ବେଉରିଆ, ଜିତେନ୍ଦ୍ରନାଥ ଗହିର, ସାର୍ଥକ ସାରଥୀ ସିଂ, ଲିଲି ପଟେଲ, ଯଦୁମଣି ବାରିକ ନରୋତ୍ତମ ବାଗ, ଦେବସ୍ମିତ, ମନୋଜ ବେହେରା, ଆକାଶ ମୁଣ୍ଡା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଛାତ୍ରଛାତ୍ରୀ ଓ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରାରେ ପରିକ୍ରମା କରି ସଡକ ସୁରକ୍ଷା ବିଭିନ୍ନ ଆଇନ ଉପରେ ସଚେତନତା ସୃଷ୍ଟି କରିଥିଲେ।

## ସଂକ୍ଷେପରେ

### ରେଳ ଧାରଣାରୁ ମୃତଦେହ ଜବତ

ଟିଟିଲାଗଡ,୭।୪(ଡି.ଏନ.ଏ.): ଟିଟିଲାଗଡ ଓ କେସିଙ୍ଗା ଷ୍ଟେଶନ ମଧ୍ୟରେ ଥିବା ରେଳଧାରଣାରୁ ରେଳବାଇ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ଗୁରୁବାର ପୋଲିସ ମୃତଦେହ ଜବତ କରି ଟିଟିଲାଗଡ ସରକାରୀ ଡ଼ାକ୍ତରଖାନା ପଠାଇଥିଲା। ଶୁକ୍ରବାର ସକାଳେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ନେଇ ସୂଚନା ମିଳିଛି। ମୃତ ବ୍ୟକ୍ତି ଜଣକ ଛତିଶଗଡ଼ ରାୟପୁର ର ବିନ୍ଧର୍ଭନଗର ଅଞ୍ଚଳର ଦିଲିପ କୁମାର ଧନକଡ଼ (୬୧)। ଏକ ମାଲବାହୀ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ରେଳବାଇ ପୋଲିସ ଅନୁମାନ କରୁଛି। ମୃତକଙ୍କ ପରିବାର ସଦସ୍ୟ ଖବର ପାଇ ଟିଟିଲାଗଡ ଆସିଥିବା ଜଣାଯାଇଛି ।

### ୨୨ ଗାଡ଼ିରୁ ୧ ଲକ୍ଷ ୭୬ ହଜାର ଟଙ୍କା ଜରିମାନା ଆଦାୟ

ଲୋଇସିଂହା,୭।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରୁଗୁଡିଖାଲଠାରେ ବଲାଙ୍ଗୀର ଆଞ୍ଚଳିକ ପରିବହନ ବିଭାଗ ଓ ଲୋଇସିଂହା ପୋଲିସ ପକ୍ଷରୁ ମିଳିତ ଭାବେ ଯାନବାହାନ ଯାଞ୍ଚ କରାଯାଇଥିଲା । ଖିଲାପକାରୀ ୨୨ ଯାନବାହନ ରୁ ୧ ଲକ୍ଷ ୭୬ ହଜାର ୫ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ସେଥିରୁ ୨ଟି ଚାରିଚକିଆ ଏବଂ ୨୦ ଟି ଦୁଇଚକିଆ ରହିଛି ବୋଲି ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି। ଏପ୍ରିଲ ୧ ରୁ ୭ ତାରିଖ ପର୍ଯ୍ୟନ୍ତ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ବ୍ୟସ୍ତବହୁଳ ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥରେ ଯାତାୟତ କରୁଥିବା ଯାତ୍ରୀଙ୍କୁ ବଲାଙ୍ଗୀର ଆଞ୍ଚଳିକ ପରିବହନ ବିଭାଗ ଓ ଲୋଇସିଂହ ପୋଲିସ ପକ୍ଷରୁ ସଚେତନ କରାଯାଉଛି । ଯାନବାହାନରେ ଯାତ୍ରା ସମୟରେ ଆଞ୍ଚଳିକ ପରିବହନ ନିୟମକୁ ଅନୁପାଳନ କରୁ ନ ଥିବା ଯାତ୍ରୀଙ୍କୁ ତାଗିଦ କରିବା ସହ ଜରିମାନା ଆଦାୟ କରାଯାଉଛି। ଉଲ୍ଲେଖଯୋଗ୍ୟ, ଗତ ୪ ତାରିଖରେ ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଏବଂ ରୁଗୁଡିଖାଲରେ ସଡକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା ।

### ହାଇୱା ଧକ୍କାରେ ୨ ବାଇକ୍ ଚାଳକ ଗୁରୁତର

କୋକସରା,୭।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ୨୬ ନଂ. ଜାତୀୟ ରାଜପଥ ଚାରବାହାଲ ନିକଟସ୍ଥ ପଖନାଗୁଡା ଛକ ନିକଟରେ ଶୁକ୍ରବାର ଅପରାହ୍ନରେ ହାଇୱା ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାରେ ୨ ଚଳକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଧର୍ମଗଡ଼ ବ୍ଲକ କୀର୍କାକାନି ଗ୍ରାମର ଅମର ଦୁର୍ଗା (୪୦) ଓ ଶଙ୍କର ଦୁର୍ଗା(୩୮)। ଆହତ ହୋଇ ରାସ୍ତା କଡରେ ପଡି ରହିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ମୋଟେର ଫାଣ୍ଡି ଅଧିକାରୀ ମନୋରଞ୍ଜନ ଆଚାର୍ଯ୍ୟ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେବା ପରେ ତୁରନ୍ତ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗୁରୁତର ଦୁଇ ଯୁବକଙ୍କୁ ଉଦ୍ଧାର କରି କୋକସରା ଡାକ୍ତରଖାନାରେ ଆଣି ଭର୍ତ୍ତି କରିଥିଲେ। କୋକସରା ଡାକ୍ତରଖାନାରେ ବ୍ଲକ ବିଧାୟକଙ୍କ ପ୍ରତିନିଧି ମାନସ ରଞ୍ଜନ ବାଗ, ଧର୍ମଗଡ଼ ବିଧାୟକ ପ୍ରତିନିଧି ସ୍ୱାଧୀନ ବାଗ, ଜଗନ୍ନାଥ ନାଏକ, ବିଶ୍ୱନାଥ ପଟ୍ଟନାୟକ ପ୍ରମୁଖ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ବ୍ୟବସ୍ଥା କରିବା ସହ ଡାକ୍ତରଙ୍କ ପରାମର୍ଶ ପରେ ଭବାନୀପାଟଣା ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

### ଗଞ୍ଜେଇ ଜବତ, ୨ ଗିରଫ

ଖଡ଼ିଆଳ,୭।୪(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ଅବକାରୀ ବିଭାଗ ଚଡ଼ାଉ କରି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ଜଣ ହେଲେ ଉତ୍ତର ପ୍ରଦେଶର ଭସମାର ଗ୍ରାମର ପୁଷ୍ପେନ୍ଦ୍ର ସିଂ (୨୪) ଏବଂ ଅନ୍ୟ ଜଣେ ମଥୁରା ଜିଲାର ନଫେଜ ଖାନ। ଉଭୟଙ୍କୁ ନୂଆପଡ଼ ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନଙ୍କଠାରେ ସମର୍ପଣ ପରେ କୋର୍ଟ ଚାଲାଣ କରାଯାଇ ଥିବା ଜଣାପଡ଼ିଛି। ପ୍ରକାଶ ଯେ, ଶୁକ୍ରବାର ସକାଳ ୮ଟାରେ ପୁଷ୍ପେନ୍ଦ୍ର ଏବଂ ନଫେଜ ଗୋଟିଏ ପ୍ଲାଷ୍ଟିକ ବ୍ୟାଗରେ କୋଡିଏ କିଲୋଗ୍ରାମ ଗଞ୍ଜେଇ ଧରି ଖଡ଼ିଆଳ ବସ ଷ୍ଟାଣ୍ଡରେ ରାୟପୁର ବସକୁ ଅପେକ୍ଷା କରିଥିଲେ। ଖଡ଼ିଆଳ ଅବକାରୀ ଉପ ନିରୀକ୍ଷକ ଡମ୍ବରୁଧର ହାରିଜନଙ୍କ ନେତୃତ୍ୱରେ ଚଢ଼ାଉ କରିଥିଲେ। ଏଥିରେ ଏଏସଆଇ ହିଙ୍ଗୁଳା ଦାସ, କନେଷ୍ଟବଳ ବୈଜୟନ୍ତି ଶବର, ମୁରଲୀଧର ଶବର, ମଧୁ ସିଂ, ରୋଶନ ବିଶ୍ୱାଳ ସାମିଲ ହୋଇଥିଲେ।

# ପରିଦର୍ଶନ କଲେ ରେଲୱେ ପମ୍ପୁ ତଲାବ

**ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ କଣ୍ଟାବାଞ୍ଜି ଗସ୍ତ**

■ **ଉନ୍ନତୀକରଣ ପାଇଁ ଦେଲେ ପ୍ରତିଶ୍ରୁତି**

କଣ୍ଟାବାଞ୍ଜି, ୭।୪(ଡି.ଏନ.ଏ.)

ବଲାଙ୍ଗୀର ଲୋକସଭା ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଶୁକ୍ରବାର ଦିନ କଣ୍ଟାବାଞ୍ଜି ଗସ୍ତରେ ଆସି ରେଲୱେର ପମ୍ପୁ ତଲାବ (ସାଗର) ପରିଦର୍ଶନ କରିଛନ୍ତି। ପରିଦର୍ଶନ ବେଳେ ୧୦୦ ଏକର ବିଶିଷ୍ଟ ରେଲୱେର ଏହି ଜଳ ଉତ୍ସ ଦୀର୍ଘ ବର୍ଷ ହେଲା ଉନ୍ନତୀକରଣ ହୋଇ ପାରି ନ ଥିବା ଦେଖି ସେ କ୍ଷୋଭ ପ୍ରକାଶ କରିଥିଲେ। ଏପରି କି ଏହାର ଉନ୍ନତି କିପରି କରାଯାଇ ପାରିବ ସେଥିପ୍ରତି ଉଚିତ୍ ଧ୍ୟାନ ଦେବା ସହ କେନ୍ଦ୍ର ସରକାର ଏବଂ ସାଂସଦ ପାଣ୍ଠିରୁ ଆବଶ୍ୟକ ଅନୁଦାନ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସାଂସଦଙ୍କ ପୂର୍ବ ପୁରୁଷ ହଜାର ହଜାର ଏକର ଜମି କଣ୍ଟାବାଞ୍ଜି ରେଳ ବିଭାଗକୁ ଦେଇଥିବା ବେଳେ ତାର କୌଣସି ସଦ୍ ବିନିଯୋଗ ହେଇ ପାରି ନ ଥିବାରୁ ଦୁଃଖ ପ୍ରକାଶ କରି ପ୍ରଥମେ ପମ୍ପୁ ତଲାବର ଉନ୍ନତୀକରଣ ସହ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ କହିଥିଲେ। ୱାର୍ଡ ନଂ. ୭, ୮ ଓ ୯ର ରେଲୱେ ଜମି ଜବରଦଖଲ କରି ବର୍ଷ ବର୍ଷ ଧରି ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ସମ୍ବଲପୁର ରେଲ ଡିଭିଜନ ତରଫରୁ ଉଚ୍ଛେଦ ପାଇଁ ନୋଟିସ ହୋଇଛି। ସେମାନଙ୍କୁ ବିକଳ୍ପ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଯେପରି ଉଚ୍ଛେଦ କରା ନ ଯିବ ସେଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଶିବ ବନ୍ଧ ପରିଦର୍ଶନ କରି ଏହାର ପୁନରୁଦ୍ଧାର ସହ ଉନ୍ନତୀକରଣ କରିବା ପାଇଁ କହିଥିଲେ। ଏହାପରେ ୱାର୍ଡ ନଂ.୧୫,୧୬ରେ ରେଳବାଇ ଜମିରେ ଜବରଦଖଲ କରି ବସବାସ କରୁଥିବା ବସ୍ତିବାସିନ୍ଦାଙ୍କ ସହ ସ୍ଥାନୀୟ ପି.ଡବ୍ଲୁ.ଡି.ଡାକବଙ୍ଗଳାରେ ଆଲୋଚନା କରିଥିଲେ। ଆଲୋଚନା ବେଳେ ଉଚ୍ଛେଦ ପାଇଁ ରେଲୱେ ବିଭାଗ ତରଫରୁ ଦିଆଯାଇଥିବା ନୋଟିସ ଉପରେ ଭୟଭୀତ ନ ହେବା ପାଇଁ କହିଥିଲେ। ଜିଲା ପ୍ରଶାସନ ଅନୁରୂପ ବାସପୋଯୋଗୀ ଘର ଯୋଗାଇବା ପରେ ହିଁ ଉଚ୍ଛେଦ ପ୍ରକ୍ରିଆ ଆରମ୍ଭ ହେବ ଓ ଏନେଇ ସେ ଜିଲା ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଥିଲେ। ଏହି ପରିଦର୍ଶନ ବେଳେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ଭାଜପା ବିଧାୟକ ପ୍ରାର୍ଥୀ ଲକ୍ଷ୍ମଣ ବାଗ, ନଗର ସଭାପତି ବେଦବ୍ୟାସ ନାଗ, ସାଂସଦ ପ୍ରତିନିଧି ଘାସିରାମ ଜୈନ, ଅଜୟ କୁମାର ଅଗ୍ରୱାଲ, ନଗର ଉପସଭାପତି ଦିପକ ସେଲମା, ନଗର ସଂପାଦକ ପ୍ରଦିପ ବାଗ, ଜିଲା ସଂପାଦକ ଅଜୟ ଶର୍ମା, ଯୁବ ମୋର୍ଚ୍ଚା ସଭାପତି ଚୈତନ୍ୟ ହଂସ ପ୍ରମୁଖ ଉପସ୍ଥିତ ଥିଲେ ।


ଡାକବଙ୍ଗଳାରେ ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା ।

# ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ସିପୁନ


@ ବିନୋଦ


@ ସୁଦନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କ୍ରିକେଟ ଟୁର୍ନାମେଣ୍ଟ: ଖଏରମାଲ ଚାମ୍ପିୟନ

ଜୁନାଗଡ଼,୭।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ବୁଢ଼ୀଦର ପଞ୍ଚାୟତ ତେନ୍ତୁଳିପଡାଠାରେ ମାର୍ଚ୍ଚ ୨୩ରୁ ଚାଲିଥିବା ମା' ଧରଣୀ ବୁଢ଼ୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଖଏରମାଲ ଓ ମାଟିଗାଁ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଖଏରମାଲ ଚାମ୍ପିୟନ ହୋଇଛି। ପ୍ରଥମେ ମାଟିଗାଁ ଟସ ଜିଣି ବ୍ୟାଟିଂ କରି ୧୩୯ ରନ କରିଥିଲା। ଜବାବରେ ଖଏରମାଲ ୧୪୦ ରନ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ସମ୍ମାନିତ ଅତିଥି ବୁଢ଼ୀଦର ନାଏକ ସରପଞ୍ଚ ଜୟଶୀଙ୍ଗ ନାଏକ ଯୋଗଦେଇଥିଲେ। ପ୍ରଶାନ୍ତ ନାଏକ ଓ ପିନୁ ନାଏକ ମଞ୍ଚ ପରିଚାଳନା କରିଥିଲେ।



ଚାମ୍ପିୟନ ଦଳକୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

# ଶକ୍ତି ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**ବିଦ୍ୟୁତ୍ ତାର ସଂସ୍ପର୍ଶରେ ଛାତ୍ରଙ୍କ ହାତ ଅଚଳ ଘଟଣା**

ଭବାନୀପାଟଣା,୭।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲପାଟଣା ପଞ୍ଚାୟତ କୁମୁଡ଼ାଶୀଳ ପ୍ରାଥମିକ ବିଦ୍ୟାଳୟର ଛାତ୍ର ରୋହିତ ରାଉତ ୨୦୨୨ ଜୁଲାଇ ୨୮ରେ ସ୍କୁଲ ଛାତ ଉପରେ ଖେଳୁଥିବା ବେଳେ ଅଳ୍ପ ଉଚ୍ଚତାରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ଦୀର୍ଘ ଦିନ ଧରି ଡାକ୍ତରଖାନାରେ ଚିକିତ୍ସା ହେବା ପରେ ତାଙ୍କର ଜୀବନ ବଞ୍ଚି ଯାଇଥିଲେ ମଧ୍ୟ ହାତ ଅଚଳ ହୋଇପଡ଼ିଥିଲା। ଫଳରେ ସେ ଅକର୍ମଣ୍ୟ ହୋଇ ଦୁର୍ବିସହ ଜୀବନ ଯାପନ କରୁଛନ୍ତି। ଜୟପାଟଣା ବିଦ୍ୟୁତ୍ ସେକ୍ସନ ପକ୍ଷରୁ କେବଳ ୫ ହଜାର ଟଙ୍କାର କ୍ଷତିପୂରଣ ଦେଇ ବିଭାଗ ଚୁପ୍ ରହିଛି। ଏହି ଘଟଣା ନେଇ ଭବାନୀପାଟଣାର ମାନବଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ଏକ ମାମଲା (ନଂ.୩୧୪୮/୨୨) ରୁଜୁ କରି ରାଜ୍ୟ ଶକ୍ତି ବିଭାଗ ସଚିବଙ୍କୁ ନୋଟିସ ଜାରି କରିବା ସହ ଆସନ୍ତା ମେ ୮ ସୁଦ୍ଧା ଏହାର ସବିଶେଷ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍କୁଲ ଛାତ ଉପରେ ଅତି କମ ଉଚ୍ଚତାରେ ବିଦ୍ୟୁତ୍ ତାର ନେବା ବେନିୟମ ହୋଇଥିବାବେଳେ ତାହା କିପରି ବିଭାଗ ତଦାରଖ କରିଲା ନାହିଁ ତାହାର ତଦନ୍ତ କରି ରିପୋର୍ଟ ମଧ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ମେଗା ସ୍ୱାସ୍ଥ୍ୟ ଶିବିର

ଲାଞ୍ଜିଗଡ଼,୭।୪(ଡି.ଏନ.ଏ.)

**୭୫୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ମିଳିଲା ଚିକିତ୍ସା ସେବା**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ ସିଏସଆର୍ ବିଭାଗ ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ବେଦାନ୍ତ ହସ୍ପିଟାଲରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପରୀକ୍ଷିତ ନାଏକ, ତ୍ରିଲୋଚନପୁର ସମିତିସଭ୍ୟା ସୁଦଶା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ବେଦାନ୍ତ ଲିମିଟେଡ ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ, ଅନ୍ୟତମ ଅତିଥି ଭାବେ ସିଏସଆର୍ ବାହ୍ୟ ସମ୍ପର୍କ ବିଭାଗ ଓ ଜନ ସମ୍ପର୍କ ବିଭାଗ ମୁଖ୍ୟ ବିଭୁଦେନ୍ଦୁ ପଣ୍ଡା, ପୁନରୁତ୍ଥାନ ଅଧ୍ୟକ୍ଷ କମଳାକାନ୍ତ ବାରିକ, ସିଏସଆର୍ ବିଭାଗ ଉପମୁଖ୍ୟ ଦିଲୀପ ପ୍ରଜାପତି, ବର୍ଷିରାଣୀ ପାଟଗିରି, ବାସୁଦେବ ମାଝି, ଶ୍ରୀମୁଖ ଅଗସ୍ତି ପ୍ରମୁଖ ଯୋଗଦେଇଥିଲେ। ବେଦାନ୍ତ ଲିମିଟେଡ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ସାହୁ, ବେଦାନ୍ତ ହସ୍ପିଟାଲ ମୁଖ୍ୟ ପରିଚାଳନା ଅଧିକାରୀ ଅମର କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ୱାଇ.ଏମ ନାଇଡୁ, ମେଡିସିନ ବିଶେଷଜ୍ଞ ଡା. ବୁଦ୍ଧଦେବ ଗମାଙ୍ଗୋ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ରୁଦ୍ର କୁମାର କର, ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞ ଡା. ଚାରୁବାଳା ସାହୁ, ଶିଶୁରୋଗ ବିଶେଷଜ୍ଞ ଡା. ମନୋରଞ୍ଜନ ରାଉତ, ନାସା, କର୍ଣ୍ଣ ଓ ଗଳା ରୋଗ ବିଶେଷଜ୍ଞ ଡା. ମାନସରଞ୍ଜନ ବିଶ୍ୱାଳ, ହୋମିଓପାଥି ବିଶେଷଜ୍ଞ ଡା. ପ୍ରତ୍ୟୁଷ କୁମାର ମିଶ୍ର, ଫିଜିଓଥେରାପି ବିଶେଷଜ୍ଞ ଡା. ଦେବାଶିଷ ସାହୁ ପ୍ରମୁଖ ୭୫୦ରୁ ଊର୍ଦ୍ଧ୍ୱ ରୋଗୀ ଓ ଜନସାଧାରଣଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ଯୋଗାଇଥିଲେ। ବେଦାନ୍ତ ଲିମିଟେଡ ଜନ ସମ୍ପର୍କ ବିଭାଗର ଋଷଭ ଗର୍ଗ, ବାହ୍ୟ ସମ୍ପର୍କ ବିଭାଗର ଓଁକାର ଆଚାର୍ଯ୍ୟ, ବେଦାନ୍ତ ହସ୍ପିଟାଲର ଡା. ପ୍ରଶାନ୍ତ ପରମାଣିକ, ଅଶୋକ ଖୋରା, ମହେନ୍ଦ୍ର ହିଆଲ, ପୀତାମ୍ବର ଧୀଣ୍ଡା, ରଞ୍ଜନ ସା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ପଞ୍ଜୀକରଣ କରୁଛନ୍ତି।

# ସଡ଼କ ସୁରକ୍ଷା ସପ୍ତାହ: ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

ମୁରିବାହାଲ,୭।୩(ଡି.ଏନ.ଏ.)

ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ ଅବସରରେ ବଲାଙ୍ଗୀର ଆଞ୍ଚଳିକ ପରିବହନ ବିଭାଗ ଓ ମୁରିବାହାଲ ପୋଲିସ ପକ୍ଷରୁ ଶୁକ୍ରବାର ଦିନ ମୁରିବାହାଲ ବ୍ଲକର ବିଭିନ୍ନ ସ୍ଥାନରେ ଯାନବାହାନ ଯାଞ୍ଚ କରାଯାଇଥିଲା। ମୁରିବାହାଲ ଥାନା ଅନ୍ତର୍ଗତ ହଳଦୀ ଓ ଜାମୁଟ ଛକ ନିକଟରେ କଡାକଡି ଯାଞ୍ଚ କରାଯାଇଥିଲା। ଏହି ଅବସରରେ ଖିଲାପକାରୀ ୨୯ ଗୋଟି ଚାରିଚକିଆ ଓ ଦୁଇଚକିଆ ଯାନରୁ ୩ ଲକ୍ଷ ୧୦ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହି ଧରପଗଡରେ ଜିଲ୍ଲା ସଡକ ପରିବହନ ଅଧିକାରୀ ବ.କେ. ଚିନାରାଓ, ମୁରିବାହାଲ ଥାନା ଅଧିକାରୀ କମାଲ ଲୋଚନ ବେହେରା, ଜଗଦୀଶ ମହାନନ୍ଦ, ମୁରିବାହାଲ ତହସିଲଦାର ସୋନାଲି ପାତ୍ର ସାମିଲ ଥିଲେ।

# ୧୩ ଛେଳି ଚୋରି ଅଭିଯୋଗ

ଖପ୍ରାଖୋଲ,୭।୪(ଡି.ଏନ.ଏ.)

ଖପ୍ରାଖୋଲ ଥାନା ପଡିଆବାହାଲ ପଞ୍ଚାୟତ ଦେଦର୍ହ ଗାଁରେ ଜଣେ ବ୍ୟକ୍ତିଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ୧୩ ଟି ଛେଳି ଚୋରି ହୋଇଥିବା ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ. ଉକ୍ତ ଗାଁର ନକୁଳ କୁଅଁରଙ୍କ ଛେଳି ଗୁହାଳରୁ ୧୩ଟି ଛେଳି କେହି ଚୋରି କରି ନେଇଥିବା ସେ ଶୁକ୍ରବାର ସକାଳୁ ଜାଣିପାରି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ ୪୩/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପଛୁଆବର୍ଗରେ ଅନ୍ତର୍ଭୁକ୍ତ ପାଇଁ ବିଧାୟକଙ୍କୁ ଦାବିପତ୍ର

ଲୋଇସିଂହା,୭।୪(ଡି.ଏନ.ଏ.)

ପଶ୍ଚିମ ଓଡିଶା ଗନ୍ଧମାଳି ସମାଜ(ଶିବପୂଜକ)କୁ କେନ୍ଦ୍ର ସରକାରଙ୍କ ପଛୁଆ ବର୍ଗ(ଓବିସି)ରେ ଅନ୍ତର୍ଭୁକ୍ତ ପାଇଁ ଦାବି ହେଉଛି। ଏନେଇ ସମାଜ ପକ୍ଷରୁ କେନ୍ଦ୍ର ସରକାରଙ୍କ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷଙ୍କୁ ପତ୍ର ଦିଆଯାଇଛି। ଅପରପକ୍ଷେ ଶୁକ୍ରବାର ସମାଜର ସଭାପତି ଜଗଦୀଶ ଥନାପତି, ଭାସ୍କର ଥନାପତି, ନୀଳକଣ୍ଠ ଥନାପତି, ଧନଞ୍ଜୟ ଥନାପତି, ପଞ୍ଚାନନ ଥନାପତି, ଅକ୍ରୁର ଥନାପତି, ପ୍ରଦ୍ୟୁମ୍ନ ଗୁରୁ ପ୍ରମୁଖ ଏକ ପ୍ରତିନିଧି ଦଳ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ଭେଟିଥିଲେ। ଏହି ପ୍ରତିନିଧି ଦଳ ଏ ସଂକ୍ରାନ୍ତରେ ଦାବିପତ୍ର ଦେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରିଛନ୍ତି। ସେମାନଙ୍କ ଦାବି ମୁତାବକ ଗନ୍ଧମାଳି ସମାଜ ହେଉଛି ପ୍ରକୃତରେ ମାଳି ଜାତି। ପ୍ରମୁଖ ସେବା ହେଲା ଶିବ ପୂଜା କରିବା। ଏହାବ୍ୟତୀତ ବିବାହ, ଜନ୍ମ ଏବଂ ମୃତାହତ ସାମଜିକ କାର୍ଯ୍ୟ ତୁଲାଇଥାନ୍ତି। ସେଥିରୁ ଯାହା ରୋଜଗାର ହୁଏ, ସେଥିରେ ପରିବାର ପରିପୋଷଣ କରିଥାନ୍ତି। ହେଲେ ଗନ୍ଧମାଳି ସମାଜକୁ ସାଧରଣ ବର୍ଗରେ ଗଣା ଯାଉଥିବାରୁ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ସମାଜର ଦୀର୍ଘ ଦିନର ଦାବି ପରେ ରାଜ୍ୟ ସରକାର ଗତ ଅକ୍ଟୋବର ୨୦୨୨ରେ ପଶ୍ଚିମ ଓଡିଶା ଗନ୍ଧମାଳି ତଥା ଥନାପତି ଜାତିକୁ ଏସ୍‌ଇବିସି ତାଲିକାଭୁକ୍ତ କରି ସାରିଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ପଛୁଆବର୍ଗ(ଓବିସି) ତାଲିକାଭୁକ୍ତ ହୋଇପାରିନାହିଁ। ଏଣୁ ସରକାରଙ୍କ ବିଭିନ୍ନ ସରକାରୀ ସୁବିଧା ଏବଂ କୋଟାରୁ ସେମାନଙ୍କୁ ବଞ୍ଚିତ ହେବାକୁ ପଡୁଥିବା ନେଇ ଅଭଯୋଗ କରିଛନ୍ତି। କେନ୍ଦ୍ର ସରକାର ପଛୁଆବର୍ଗରେ ଅନ୍ତର୍ଭୁକ୍ତ କଲେ ସେମାନଙ୍କ ଭବିଷ୍ୟତ ପିଢି ଉପକୃତ ହେବେ ବୋଲି କହିଛନ୍ତି।

# ମହିଳାଙ୍କ ଆତ୍ମହତ୍ୟା ଘଟଣା: ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ

ସଇଁତଲା,୭।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ କୁଆଁରଗାଁରେ ଗୁରୁବାର ପୂର୍ବାହ୍ନରେ ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ଶୁକ୍ରବାର ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ଶୁଭ୍ରାଂଶୁ ତ୍ରିପାଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନ ମିଳିବାରୁ ତାଙ୍କୁ ଟିଟିଲାଗଡ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, କୁଆଁରଗାଁର ଶଚିକାନ୍ତ ତ୍ରିପାଠୀଙ୍କ ବୋହୁ କଳ୍ପନା (୨୫) ବେକରେ ଶାଢ଼ୀ ଦେଇ ଆତ୍ମହତ୍ୟା କରିଥିଲେ। ଏନେଇ କଳ୍ପନାଙ୍କ ଭାଇ ରଶ୍ମିରଞ୍ଜନ ଷଡ଼ଙ୍ଗୀ ଯୌତୁକ ପାଇଁ ତାଙ୍କ ଭଉଣୀଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦିଆଯାଇଥିବା ସଇଁତଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୨୦୧୮ ମସିହା ଏପ୍ରିଲ ମାସରେ ଶୁଭ୍ରାଂଶୁ ବଲାଙ୍ଗୀର ସହରର ରାମେଶ୍ୱର ନଗର ବାସିନ୍ଦା ସ୍ୱର୍ଗତ ଗୋବିନ୍ଦ ଷଡ଼ଙ୍ଗୀଙ୍କ ଝିଅ କଳ୍ପନାଙ୍କୁ ବିବାହ କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଦକ୍ଷିଣ ଶୌଣ୍ଡିକ ସାଂସ୍କୃତିକ ମହାସଂଘର ପଞ୍ଚମ ମହାସଭା ଉଦ୍‌ଘାଟିତ


ଶୌଣ୍ଡିକ ସମାଜର ମହାସଭାରେ ଉପସ୍ଥିତ ଅତିଥିବୃନ୍ଦ।

କୋକସରା,୭।୪(ଡି.ଏନ.ଏ.)

କଳାହାଣ୍ଡି ଓ ବଲାଙ୍ଗୀର ଜିଲା ଟିଟିଲାଗଡ ସବ ଡିଭିଜନ ଦକ୍ଷିଣ ଶୌଣ୍ଡିକ ସାଂସ୍କୃତିକ ମହାସଂଘ ସମାବେଶର ପଞ୍ଚମ ମହାସଭା କୋକସରା ବ୍ଲକ ଲଡୁଗାଁଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚମ ସମାବେଶ କାର୍ଯ୍ୟକାରିଣୀ ସମାବେଶରେ ମୁଖ୍ୟଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ସମ୍ମାନିତ ଅତିଥି ଧର୍ମଗଡ଼ ବିଧାୟକ ମୋଷଧି ବାଗ, କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଭବାନୀପାଟଣା ପୌର ପରିଷଦ ଅଧ୍ୟକ୍ଷା ସଂଯୁକ୍ତା ବେହେରା, ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଶୌଣ୍ଡିକ ସମାଜ ଜିଲା ସଭାପତି ସତ୍ୟ ନାରାୟଣ ଚୌଧୁରୀ, ବ୍ୟୋମକେଶ ସାହୁ, ତୁଳସିରାମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଗତ ଅଭିଭାଷଣ ଜିଲା କାର୍ଯ୍ୟକାରିଣୀ ସମ୍ପାଦକ ଥବିର ସାହୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସମାଜର ଶିକ୍ଷିତ ଯୁବକ ଯୁବତୀଙ୍କୁ ଅଗ୍ରାଧିକାର ଦେବାକୁ ଦାବି ଉପସ୍ଥାପନ କରିଥିଲେ। ମନ୍ତ୍ରୀ ସାହୁ ରାଜ୍ୟ ସରକାର ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାର ଅନେକ ଲୋକାଭିମୁଖୀ ଯୋଜନାର ରୂପରେଖ ପ୍ରସ୍ତୁତ କରୁଛନ୍ତି। ଆଗକୁ ମଧ୍ୟ ଏହି ଧାରା ଜାରି ରହିବ। ସମାଜକୁ ସଙ୍ଗଠିତ ଓ ବିକାଶ ଧାରାରେ ସାମିଲ ହେବାକୁ ଆହ୍ୱାନ ସେ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ମଞ୍ଚ ଉପସ୍ଥାପନାରେ ଶ୍ରବଣ କୁମାର ସାହୁ ଓ ଗୀତାଞ୍ଜଳି ସାହୁ ସହଯୋଗ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲଡୁଗାଁ ସମେତ କଳାହାଣ୍ଡି ଓ ଟିଟିଲାଗଡ ଉପଖଣ୍ଡ ଅଞ୍ଚଳରୁ ଶହ ଶହ ସଂଖ୍ୟକ ସାମାଜିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଏହି ସମାବେଶ ୩ ଦିନ ଧରି ଅନୁଷ୍ଠିତ ହେବ।

**ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର**

**ବରଗଡ଼ ଅଫିସ:** ବରଗଡ଼ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ବିଭିନ୍ନ ବିଦ୍ୟାଳୟର ଷଷ୍ଠରୁ ଦଶମ ଛାତ୍ରୀଛାତ୍ରମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ରାଣାପ୍ରତାପ ସ୍କୁଲରେ ମଧ ଏହି ଶିବିର ଆରମ୍ଭ ହୋଇଛି। ଏହି ଶିବିର ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତି କାର୍ଯ୍ୟ ଦିବସରେ ପ୍ରତ୍ୟହ ଏକ ଘଣ୍ଟା ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପ୍ରଧାନ ଶିକ୍ଷକ ସୁଦୀପ ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଶିକ୍ଷିକା ନିରୂପମା ବନଛୋର ଓ ଅର୍ଚ୍ଚିତା ପାଣିଗ୍ରାହୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଦଣ୍ଡୁଆଙ୍କ ପନିକି ଚୋଟରେ ମହିଳାଙ୍କ ମୃତ୍ୟୁ: ଅଭିଯୁକ୍ତ ଗିରଫ

**ବାଉଁଶୁଣୀ, ୭।୪(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ଥାନା ତାଳେସରଡା ପଞ୍ଚାୟତ ପଲସପାଟ ଗ୍ରାମରେ ଦଣ୍ଡୁଆଙ୍କ ପନିକି ଚୋଟରେ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ପଲସପାଟ ଗ୍ରାମରେ ଶୁକ୍ରବାର ଅପରାହ୍ନ ୪ଟାରେ ଚାରିଶମ୍ଭୁ ଦଣ୍ଡ ଯାତ୍ରା ଚାଲୁଥିବା ସମୟରେ ହଠାତ ଜଣେ ବ୍ୟକ୍ତି ପନିକି ଧରି ଗ୍ରାମର ସୂର୍ଯ୍ୟକାନ୍ତି ପ୍ରଧାନ(୩୫)ଙ୍କୁ ଆକ୍ରମଣ କରିଥିଲେ। ସେ ବ୍ୟକ୍ତି ଜଣକ ଚାରିଶମ୍ଭୁ ଦଣ୍ଡରେ ଆସିଥିବା ଜଣେ ଦଣ୍ଡୁଆ ବୋଲି କୁହାଯାଉଛି। ଅଭିଯୁକ୍ତ ଜଣକ ତାଳେସରଡା ପଞ୍ଚାୟତ କମ୍ଭାରା ଗ୍ରାମର ଉଗ୍ରସେନ ସେଠୀ ବୋଲି ଜଣାପଡିଛି। ଏହି ଆକ୍ରମଣରେ ମହିଳାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଅଭିଯୁକ୍ତଙ୍କୁ ଗ୍ରାମବାସୀ କାବୁ କରି ନିସ୍ତୁକ ମାଡମାରିଥିଲେ। ଏ ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଖବରପାଇ ବାଉଁଶୁଣୀ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି। ଅନ୍ୟପଟେ ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଅଭିଯୁକ୍ତଙ୍କୁ ଗିରଫ କରି ବାଉଁଶୁଣୀ ପୋଲିସ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଛି।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ୪ ଗୁରୁତର

**ବାଉଁଶୁଣୀ,୭।୪(ଡି.ଏନ୍.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ୫୭ ନଂ. ଜାତୀୟ ରାଜପଥରୁ ଗୁନ୍ଦୁଲିଆ ରାସ୍ତା ଜମଘାଟି ଛକ ନିକଟରେ ବିଳମ୍ବିତ ରାତିରେ ଦୁଇ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ବୁଧବାର ରାତି ପ୍ରାୟ ୧ ଟାରେ ବାଉଁଶୁଣୀ ଛକରୁ ରାମଲୀଳା ନାଟକ ଦେଖି ଓଡ଼ି ୨୭ସି ୭୦୪୧ ବାଇକ୍ ଯୋଗେ ଏକ ପରିବାର ବୈଦ୍ୟନାଥପୁର ଗ୍ରାମକୁ ଫେରୁଥିଲେ। ହଠାତ ଆଗରୁ ଗୁନ୍ଦୁଲିଆ ଦିଗରୁ ଓଡ଼ି ୨୭ ସି ୮୪୮୬ ବିଶିଷ୍ଟ ଏକ ବାଇକ୍ ଆସି ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ିରେ ଥିବା ୪ ଜଣ ଛିଟିକି ପଡ଼ିଥିଲେ। ଖବରପାଇ ବାଉଁଶୁଣୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗୁରୁତରମାନେ ହେଲେ ଗୋଛାପଡା ପଞ୍ଚାୟତ ଟାଲୁପାଲି ଗ୍ରାମର ଦେବାର୍ଚ୍ଚନ ଝାଙ୍କର ଓ ବୈଦ୍ୟନାଥପୁର ଗ୍ରାମର ପୁରନ୍ଦର ରାଜହଂସ, ହିମାଦ୍ରି ରାଜହଂସ, ଆୟୁଷ ରାଜହଂସ। ସମସ୍ତଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ସୋନପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି।

### ସାପ କାମୁଡ଼ାରେ ମହିଳା ମୃତ

**ପଦ୍ମପୁର,୭।୪(ଡି.ଏନ.ଏ.):** ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା କେର୍ମେଲି ଗ୍ରାମର ମଥୁରା ସାହୁଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ମଥୁରା ଘର ସଫା କରିବା ପାଇଁ ଝାଡୁ କରିବା ବେଳେ ଝାଡୁରେ ଥିବା ବିଷଧର ନାଗ ସାପ ତାଙ୍କୁ ଦଂଶନ କରିଥିଲା। ତାଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ନବୀନ ସାବତ ସଭାପତି, କୃପାସିନ୍ଧୁ ଗଡ଼ତିଆ ସମ୍ପାଦକ

**ବରଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ**

**ବରଗଡ଼ ଅଫିସ,୭।୪:** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ ଅଧୀନ ବରଗଡ଼ ଜିଲା ପ୍ରାଥମିକ ଶିକ୍ଷକ ମହାସଂଘ ନିର୍ବାଚନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହିନ୍ଦୀ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ନିର୍ବାଚନରେ ଶିକ୍ଷକ ନବୀନ କୁମାର ସାବତ ସଭାପତି ଓ ସାଧାରଣ ସମ୍ପାଦକ ଭାବେ କୃପାସିନ୍ଧୁ ଗଡ଼ତିଆ ନିର୍ବାଚିତ ହୋଇଛନ୍ତି। ସଙ୍ଗଠନ ସମ୍ପାଦକ ଭାବେ ସୁନନ୍ଦ କୁମାର ମିଶ୍ର, ଉପ ସଭାପତି ଗୀତାଞ୍ଜଳି ପଣ୍ଡା, ସୁଶାନ୍ତ କୁମାର ସା, ଯୁଗ୍ମ ସମ୍ପାଦକ ଭାବେ ଉଦ୍ଧବ ମହାନନ୍ଦ, ଆନନ୍ଦ ପଣ୍ଡା, ବିକାଶ ପ୍ରଧାନ, କୋଷାଧକ୍ଷ ଭାବେ ବଳିଷ୍ଠ ପ୍ରଧାନ, ସଂଯୋଜକ ତ୍ରିନାଥ ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ମହାସଂଘ ରାଜ୍ୟ ଉପସଭାପତି ଅମୂଲ୍ୟ କୁମାର ଭୋଇ, ଇନ୍ଦ୍ରଜିତ ପଣ୍ଡା, ପ୍ରଶାନ୍ତ ମହାପାତ୍ର, ଦୟାସଗାର ମେହେର, ଦିଲୀପ ସୁନା ପ୍ରମୁଖ ରାଜ୍ୟ ପର୍ଯ୍ୟବେକ୍ଷକଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଜିଲା ସମ୍ପାଦକ ପ୍ରମୋଦ ହୋତା ନବନିର୍ବାଚିତ କର୍ମକର୍ତ୍ତା, ସଦସ୍ୟମାନଙ୍କୁ ଶପଥ ପାଠ କରାଇ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସୁଶାନ୍ତ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ଶୋଭାଯାତ୍ରାରେ ସ୍ୱାସ୍ଥ୍ୟ ସଚେତନତା







ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ଶୋଭାଯାତ୍ରାରେ କରାଯାଉଛି। ସ୍ୱାସ୍ଥ୍ୟ ଦିବସ ଅବସରରେ (ପିକେଏସିଏନ) ଶୋଭାଯାତ୍ରା ।

**ବରଗଡ଼ ଅଫିସ,୭।୪**

ବରଗଡ଼ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି । ଏହି ପରିପ୍ରେକ୍ଷୀରେ ସହରରେ ସଚେତନତା ଶୋଭାଯାତ୍ରା ହୋଇଥିଲା। ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ ତରଫରୁ ସ୍ଥାନୀୟ ନିଶାମଣି ସ୍କୁଲ ପଡ଼ିଆରୁ ଶୋଭାଯାତ୍ରା ବାହାରି ସହରର ପରିକ୍ରମା କରିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ଏବଂ ବିଭିନ୍ନ ସ୍ଲୋଗାନ ଦେଇ ଛାତ୍ରୀଛାତ୍ର ସଚେତନତା ସୃଷ୍ଟି କରିଥିଲେ। ଏହି ସଚେତନତା ଶୋଭାଯାତ୍ରାରେ ମାହେଶ୍ୱରୀ ନର୍ସିଂ କଲେଜର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ, ଅଧ୍ୟକ୍ଷା ସୁନୀତାରାଣୀ ବାଗ, ଡା. ଅରୂପାନନ୍ଦ ସାହୁଙ୍କ ସମେତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକବୃନ୍ଦ ଉପସ୍ଥିତ ଥିଲେ। ଉତ୍ତମ ସ୍ୱାସ୍ଥ୍ୟ ଦ୍ୱାରା କିଭଳି ଜୀବନ ଅତିବାହିତ କରି ହେବ, ସେ ନେଇ

**ବରଗଡ଼ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ**

ଛାତ୍ରୀଛାତ୍ର ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ବରଗଡ଼ର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଛି। ଏହି ଅବସରରେ କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଜିଲା ସ୍ୱାସ୍ଥ୍ୟ ମୁଖ୍ୟାଳୟରୁ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ନିରୂପମା ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ଅସୀମ କୁମାର ସାହୁ ଏବଂ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ। ସେହିପରି ବଦ୍ରିପ୍ରସାଦ କଲେଜ ଅଫ୍ ନର୍ସିଂର ଛାତ୍ରୀଛାତ୍ର ମଧ୍ୟ ସଚେତନତା ଶୋଭାଯାତ୍ରା କରିଥିଲେ।

# ଉତ୍ତମ ସ୍ୱାସ୍ଥ୍ୟ ସମସ୍ତଙ୍କ ଅଧିକାର

**ସୋନପୁର,୭।୪(ନି. ପ୍ର.)**



ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ଅତିଥି, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରର ଛାତ୍ରୀବୃନ୍ଦ।

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ**

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ସ୍ଥାନୀୟ ଜିଲା ସ୍ୱାସ୍ଥ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ ବିଶ୍ୱମର ବେହେରା ଯୋଗ ଦେଇଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୭୫ତମ ପ୍ରତିଷ୍ଠା ଦିବସକୁ ଚଳିତବର୍ଷ ପାଳନ କରାଯାଉଥିବା ବେଳେ ୧୯୪୮ ମସିହାରୁ ଅଦ୍ୟାବଧି ବିଶ୍ୱ ସାସ୍ଥ୍ୟ ସଂଗଠନ ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଉତ୍ତମ ସାସ୍ଥ୍ୟ ସମସ୍ତଙ୍କ ଅଧିକାର ବୋଲି ଏହି ଅବସରରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧରେ ସହକାରୀ ପରିଚାଳକ କମ୍ୟୁନିଟି ପ୍ରୋସେସ ତରଣୀସେନ ପ୍ରଧାନ, ଡିପିସି ଯକ୍ଷ୍ମା ସମୀର କୁମାର ସାହୁ, ସହକାରୀ ପରିଚାଳିକା ଅଣ ସଂକ୍ରାମକ ରୋଗ ଗୀତାଞ୍ଜଳି ମେହେର, ଆଇସିଏ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ତରଣୀସେନ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ବୈଠକ ପରିଚାଳନା କରିଥିଲେ। ସମୀର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କ ସମେତ ମହିଳା ସ୍ୱାସ୍ଥ୍ୟକର୍ମୀ, ତାଲିମ କେନ୍ଦ୍ରର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# କୃଷକ ତାଲିମ ଶିବିର

**ପଦ୍ମପୁର,୭।୪(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁରର ବରିକେଲ ଗ୍ରାମପଞ୍ଚାୟତ ଚାରପାଲି ଗ୍ରାମରେ ଉପ କୃଷି ନିର୍ଦ୍ଦେଶକ ମୃତ୍ତିକା ଓ ଜଳ ପରିଚାଳନା, ସମ୍ବଲପୁର ଆନୁକୂଲ୍ୟରେ ଏକ କୃଷକ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୫୦ଜଣ ଚାଷୀ ଯୋଗଦେଇ ତାଲିମ ନେଇଥିଲେ। ଲଙ୍କେଶ୍ୱରୀ ପାଣି ପଞ୍ଚାୟତ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅନୀଲ କୁମାର କାନୁନଗୋ ସଭାପତିତ୍ୱ କରିଥିବା ବେଳେ ଉମେଶ ଚନ୍ଦ୍ର ସେନାପତି ସଂଯୋଜନା କରିଥିଲେ। ଉପ କୃଷି ନିର୍ଦ୍ଦେଶକ ଅଶୋକ ମହାପାତ୍ର, ଜିଲା କୃଷି ଅଧିକାରୀ ଅମୀୟ ସାହୁ, ଅବସରପ୍ରାପ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ସୁଶୀଲ କିଷାନ ଯୋଗଦାନ କରି ମୃତ୍ତିକା ଓ ଜଳ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ସିପୁନ



@ ବିନୋଦ



@ ସୁଦନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫୦ ଲକ୍ଷ ବ୍ୟୟ ଅଟକଳରେ ହେବ ସ୍ୱାସ୍ଥ୍ୟ ଉପକେନ୍ଦ୍ର



ତୋରା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଭୂମି ପୂଜନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ବରଗଡ଼ ଅଫିସ, ୭।୪**

ବରଗଡ଼ ବ୍ଲକ ତୋରା ଗ୍ରାମରେ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନୂତନ ସ୍ୱାସ୍ଥ୍ୟ ଉପ କେନ୍ଦ୍ର ନିର୍ମାଣ ହେବ। ଏଥିପାଇଁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶୁକ୍ରବାର ଭୂମି ପୂଜନ କରିଛନ୍ତି। ତୋରାଠାରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଅଞ୍ଚଳବାସୀ ବିଧାୟକ ଆଚାର୍ଯ୍ୟଙ୍କ ନିକଟରେ ଦାବି କରି ଆସୁଥିଲେ । ଭୂମି ପୂଜନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଆଚାର୍ଯ୍ୟ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ଫଳରେ ଅଞ୍ଚଳବାସୀ ପ୍ରାଥମିକ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ବ୍ଲକ ଉପାଧକ୍ଷ ଉମେଶ ପଣ୍ଡା, ଜିଲା ପରିଷଦ ଉପାଧକ୍ଷ ମୋହନ ଲୁହା, ସ୍ଥାନୀୟ ସରପଞ୍ଚ ଦେବରାଜ ସାହୁ, ଜମୁର୍ଡା ସରପଞ୍ଚ ପଦ୍ମଲୋଚନ ପ୍ରଧାନ, ସୁରୁ ସାହୁ, ବଳରାମ ନନ୍ଦ, ସୁକାନ୍ତ ରାଉତ, ସୌରଙ୍ଗ ଧାରୁଆ ପ୍ରମୁଖ ଉପସ୍ଥିତ ଥିଲେ ।

# ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ

**ଭେଡ଼େନ,୭।୪(ଡି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ମାନପୁର ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀଙ୍କ ନବନିର୍ମିତ ମନ୍ଦିର ପ୍ରତିଷ୍ଠା ପାଇଁ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋମ ଯଜ୍ଞ, ଚଣ୍ଡୀପାଠ ହୋଇଥିଲା। ଗ୍ରାମର ସୁରେନ୍ଦ୍ର ଦୋରା ଏବଂ ଚିନ୍ତାମଣି ମଲ୍ଲିକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଆସନ୍ତା ରବିବାର ପର୍ଯ୍ୟନ୍ତ ହେବାକୁ ଥିବା ଉତ୍ସବରେ ପ୍ରତ୍ୟହ ପାଟଣାଗଡ଼ର ବ୍ୟାସ ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ରାମାୟଣ ପାରାୟଣ ହେବ। ଏହାସହ ସନ୍ଧ୍ୟାରେ ଜଳନ୍ଧର ରାଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଭେଣ୍ଡିଂ ଜୋନ୍ କ୍ୟାବିନ ଖତ ଖାଉଛି

**ପଦ୍ମପୁର,୭।୪(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଏନ୍ଏସିର ଦୈନିକ ବଜାରରେ ମୁକ୍ତା ଯୋଜନାରେ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି। ତେବେ ଏହି ଭେଣ୍ଡିଂ ଜୋନ୍‌ରେ ଥିବା ଲୁହା କ୍ୟାବିନଗୁଡିକ ଆବଣ୍ଟନ ହୋଇ ନ ଥିବାରୁ ସେଗୁଡିକ ନଷ୍ଟ ହେବାକୁ ବସିଲାଣି। ୨୦୨୧-୨୨ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା)ରେ ପଦ୍ମପୁର ଦୈନିକ ବଜାରରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଲୁହା କ୍ୟାବିନ ନିର୍ମାଣ କରାଯାଇଥିଲା। ପଦ୍ମପୁରର କେତେକ ଏସ୍ଏଚ୍‌ଜି ଏହି କାମର କାର୍ଯ୍ୟାଦେଶ ନେଇ କ୍ୟାବିନ ଗୁଡିକ ତିଆରି କରିଥିଲେ। ମାତ୍ର ବର୍ଷେରୁ ଉର୍ଦ୍ଧ୍ୱ ହେବ ଏହି କ୍ୟାବିନ ହିତାଧିକାରୀଙ୍କୁ ଆବଣ୍ଟନ ନ ହୋଇ ପଡିରହିଛି। ନିମ୍ନମାନର କାମ ଯୋଗୁ ଅନେକ କ୍ୟାବିନ କଳଙ୍କି ଲାଗିଥିବା ବେଳେ ଏଠାରେ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡା ଜମୁଛି । ଏ ସମ୍ପର୍କରେ ପଦ୍ମପୁର ଏନ୍ଏସିର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କୁ ଯୋଗାଯୋଗ କରାଯିବାରୁ ଏହି କ୍ୟାବିନ ଗୁଡିକ ପୁଣି ଆଧୁନିକୀକରଣ କରି ସ୍ଥାନାନ୍ତର ପାଇଁ ଡିପିଆର ପ୍ରସ୍ତୁତ ଚାଲିଛି ବୋଲି କହିଥିଲେ।

# ମଞ୍ଚସ୍ଥ ହେଲା ନାଟକ ନାଗଫାଶ ବନ୍ଧନ

**ବୌଦ୍ଧ ରାମଲୀଳା ଯାତ୍ରାର ନବମ ଦିବସ**

**ବୌଦ୍ଧ, ୭।୪(ସ୍ୱ.ପ୍ର.)**



ରାମଲୀଳା ଯାତ୍ରା ନାଗଫାଶ ବନ୍ଧନ ନାଟକର ଦୃଶ୍ୟ।

ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା ଶୁକ୍ରବାର ନବମ ଦିବସରେ ପହଞ୍ଚିଛି। ପୌରାଣିକ କଥାବସ୍ତୁ ଆଧାରରେ ଯାତ୍ରାରେ ମଞ୍ଚସ୍ଥ ନାଟକରେ ଲଙ୍କାକାଣ୍ଡ ଆରମ୍ଭ ହୋଇଥିବାବେଳେ ସେତୁବନ୍ଧ ପ୍ରତିଷ୍ଠା ପରେ ଶ୍ରୀରାମ ଓ ଲକ୍ଷ୍ମଣ ବାନର ସେନା ସହିତ ସମୁଦ୍ର ପାରି ହୋଇ ଲଙ୍କାରେ ପ୍ରବେଶ କରିଛନ୍ତି। ଲଙ୍କା ନଗରୀ ବାହାରେ ବାନରସେନାଙ୍କୁ ଦେଖି ହନୁମାନଙ୍କ ଦ୍ୱାରା ଲଙ୍କା ଦହନର ଜ୍ୱାଳା ଭୁଲିପାରି ନ ଥିବା ରାବଣ ନିଜେ ଯୁଦ୍ଧକୁ ବାହାରି ବାନରସେନାକୁ ଆକ୍ରମଣ କରି ପ୍ରତିଶୋଧ ନେବାକୁ ରାଜଦରବାରରେ ପ୍ରକାଶ କରିଛନ୍ତି। କିନ୍ତୁ ବୀର ପୁତ୍ର ଇନ୍ଦ୍ରଜିତ ଥାଉ ଥାଉ ରାବଣ ନିଜେ ଯୁଦ୍ଧକୁ ଯିବା ଅନୁଚିତ ବୋଲି ପ୍ରକାଶ କରିବା ସହିତ ନିଜେ ଇନ୍ଦ୍ରଜିତ ଯୁଦ୍ଧକୁ ଯିବାକୁ ବାହାରିଛି। ଶ୍ରୀରାମ ଲକ୍ଷ୍ମଣ ଓ ବାନରସେନା ସହିତ ଇନ୍ଦ୍ରଜିତ ବୀରତ୍ୱର ସହିତ ଯୁଦ୍ଧ କରି ଶେଷରେ ନାଗଫାସ ବନ୍ଧନରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ବାନ୍ଧି ମୂର୍ଚ୍ଛିତ କରିଦେଇଛି। ଏହାକୁ ନେଇ ସୁଗ୍ରୀବ ଓ ବାନରସେନା ବିଚଳିତ ହୋଇପଡିଥିବାବେଳେ ବିଭୀଷଣ ନାଗଫାସ ବନ୍ଧନରୁ ମୁକ୍ତ ପାଇଁ ଗରୁଡଙ୍କ ସହାୟତା ନେବାକୁ ପରାମର୍ଶ ଦେଇଛନ୍ତି। ହନୁମାନ ସ୍ୱର୍ଗଲୋକକୁ ଯାତ୍ରା କରି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନାଗଫାଶରୁ ଉଦ୍ଧାର ପାଇଁ ଗରୁଡଙ୍କୁ ନିବେଦନ କରିଛନ୍ତି। ଗରୁଡ ପହଞ୍ଚି ନାଗଫାଶରୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଉଦ୍ଧାର କରିଛନ୍ତି। ଗରୁଡଙ୍କ ନିବେଦନ କ୍ରମେ ଶ୍ରୀରାମ ଗରୁଡଙ୍କୁ ବିଶ୍ୱରୂପ ଦର୍ଶନ ଦେଇଛନ୍ତି। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଭବାନୀଶଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକରେ ଶ୍ରୀରାମ ଭୂମିକାରେ ଶିରିଶ ବେହେରା, ସୀତା ବିଶ୍ୱାମିତ୍ର ସାହୁ, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦିବାକର ଜେନା, ଅଙ୍ଗଦ ଭୂମିକାରେ ସତ୍ୟଜିତ ମିଶ୍ର, ଗରୁଡ ତପନ ବାଗି, ବିଭୀଷଣ ପ୍ରମୋଦ ପ୍ରଧାନ ଓ ରାବଣ ଭୂମିକାରେ ସୁଦାମ ବେରିହା ପ୍ରମୁଖ ଉଚ୍ଚକୋଟିର ଅଭିନୟ କରିଥିଲେ।

# ଜିଲା କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବରଗଡ଼ ଅଫିସ, ୭।୪**

ବରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଜିଲା କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କ ପୀଠରେ ପୂଜାର୍ଚ୍ଚନା ସହ ପ୍ରତିଯୋଗିତାର ମଶାଲ ନେଇ ପୂର୍ବତନ କ୍ରୀଡାବିତମାନେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ପହଞ୍ଚିଥିଲେ। ମୁଖ୍ୟ ଅତିଥି ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ଉକ୍ତ ମଶାଲକୁ ସ୍ଥାପନ କରି ଜିଲା କ୍ରୀଡ଼ା ସଂସଦ ପତାକା ଉତ୍ତୋଳନ ସହିତ ପ୍ରତିଯୋଗିତାକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଥିଲେ। ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ କ୍ରୀଡ଼ା ସଂସଦର ପୂର୍ବତନ ସମ୍ପାଦକ ଅରୁଣ କୁମାର ମହାନ୍ତି, ପୂର୍ବତନ ଖେଳାଳି ଭାଗିରଥି ସାହୁ, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, ଫୁଟବଲ ସମ୍ପାଦକ ସେକ ସବଦର, କୋଷାଧକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, କ୍ରିକେଟ ସମ୍ପାଦକ ଅମୀୟ ଭୂଷଣ ସାହୁ, ଆଉଟ୍ ଡୋର୍ ଗେମ୍ସ ସମ୍ପାଦକ ସୁରେଶ ଦାଶ, ଜିଲା କ୍ରିକେଟ ଆସୋସିଏଶନ ସଭାପତି ହରିହର ପ୍ରଧାନ, ସକାଉନସିଲ ସଦସ୍ୟ ଦିଲୀପ ସାୱଡ଼ିଆ, ମହେନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ବିକାଶରେ ଗୁଡ୍ ଫ୍ରାଇଡେ

**ବରଗଡ଼ ଅଫିସ,୭।୪**

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ଗୁଡ୍ ଫ୍ରାଇଡେ ସମାରୋହରେ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର କବିତା ଆବୃତ୍ତି କରିବା ସହିତ ଗୁଡ୍ ଫ୍ରାଇଡେ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଜଗତରେ ଶାନ୍ତି, ନ୍ୟାୟ, ଧର୍ମ ପ୍ରତିଷ୍ଠାରେ ପ୍ରଭୁ ଯୀଶୁଙ୍କ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।




ବିକାଶ ଆବାସିକ ସ୍କୁଲରେ ଗୁଡ୍ ଫ୍ରାଇଡେ ପାଳନ କରାଯାଉଛି ।

# ପପଙ୍ଗା ପାହାଡ଼ ମହୋତ୍ସବ, ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସଯାତ୍ରା

**ଭେଡ଼େନ, ୭।୪(ଡି.ଏନ.ଏ.)**



ମହିଳାମାନେ କଳସ ଯାତ୍ରାରେ ଯାଉଛନ୍ତି।

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଐତିହାସିକ ପପଙ୍ଗା ପାହାଡ଼ ମହୋତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ ପାଇଁ ଶୁକ୍ରବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଦିକ ଯଜ୍ଞ ପାଇଁ ସ୍ଥାନୀୟ ସ୍କୁଲପଡା କ୍ଲବରୁ କଳସ ଯାତ୍ରା ବାହାରି ପାହାଡ଼ ପାଦଦେଶ ଯଜ୍ଞ ମଣ୍ଡପରେ ସ୍ଥାପିତ ହୋଇଥିଲା। ମଠାଧୀଶ ପ୍ରଫୁଲ୍ଲ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାନନ୍ଦ କରନ, ଲକ୍ଷ୍ମୀନାରାୟଣ ହୋତା, କୃଷ୍ଣ କୁଶୁଲିଆ, କାହ୍ନା କୈବର୍ତ୍ତ ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟା ପିଙ୍କି ବଡେଇ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ୩୦ଟି ସଂକୀର୍ତ୍ତନ ଦଳ ଯୋଗଦେଇ ବୈଠକୀ କୀର୍ତ୍ତନ କରିଥିଲେ। ମହୋତ୍ସବ ସଭାପତି ସାଗର ମହାକୁର, ସନ୍ତୋଷ କର୍ଣ୍ଣ, ଭବାନୀ ଦେହେରୀ, ସର୍ଜନ ଦୀପ, ପାଲେଶ୍ୱର କର୍ଣ୍ଣ, ଟିକେଶ୍ୱର କର୍ଣ୍ଣ, ଜଗଦୀଶ କର୍ଣ୍ଣ, ମନୋରଞ୍ଜନ ମହାକୁର, ମନ ପଧାନ, ସୁଶିଲ ପଧାନ, କୃଷ୍ଣ ମହାକୁର, ଚିତ୍ତ ଦାଶଙ୍କ ସମେତ ପପଙ୍ଗା ଗ୍ରାମବାସୀ ସହଯୋଗ କରିଥିଲେ ।

